# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୯/୨୦୨୨ Bhubaneswar, Friday, July 29/ 2022




ବର୍ମିଂହାମସ୍ଥିତ ଆଲେକଜାଣ୍ଡର ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବକୁ ଉପଭୋଗ କରୁଛନ୍ତି ଦର୍ଶକ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ

**ବର୍ମିଂହାମ,୨୮।୭**

ଗୁରୁବାର ଆରମ୍ଭ ହୋଇଛି ୨୨ତମ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨। ୭୨ଟି ଦେଶର ଆଥଲେଟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ଆଲେକଜାଣ୍ଡର ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପ୍ରିନ୍ସ ଚାର୍ଲ୍ସ। ଏହି କାର୍ଯ୍ୟକ୍ରମରେ ୩୦ ହଜାରରୁ ଅଧିକ ଦର୍ଶକ ଯୋଗ ଦେଇଥିବା ବେଳେ ଡ୍ରମର ଆବ୍ରାହାମ ପ୍ୟାଡି ଡ୍ରମ୍ ବାଦନ କରିଥିଲେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଗାଉଥିବା ରଞ୍ଜନା ଘଟକ ସଙ୍ଗୀତ ପରିବେଷଣ କରିଥିଲେ। ୧୫ଟି ଭେନ୍ୟୁରେ ୧୧ ଦିନ ବ୍ୟାପୀ ଏହି ଖେଳ ଖେଳାଯିବାକୁ ଥିବା ବେଳେ ୨୮୦ଟି ପଦକ ପାଇଁ ପ୍ରତିଦ୍ୱନ୍ଦିତା କରିବେ ୫ ହଜାରରୁ ଅଧିକ ଆଥଲେଟ। ୧୯ କ୍ରୀଡାର ୧୩୬ ବର୍ଗରେ ମହିଳା ଏବଂ ୧୩୪ ବର୍ଗରେ ପୁରୁଷମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହା ସହିତ ୧୦ଟି ବର୍ଗରେ ମିକ୍ସଡ ଟିମ୍ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ବର୍ତ୍ତମାନ ସୁଦ୍ଧା ୬୧ରାଷ୍ଟ୍ର ପଦକ ହାସଲ କରିଛନ୍ତି।

୨୦ ବର୍ଷ ପରେ ୟୁକେ ଏହି ଇଭେଣ୍ଟ ଆୟୋଜନ କରିଛି। ଦୁଇ ଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଏବଂ ହକି ଦଳର ଅଧିନାୟକ ମନପ୍ରୀତ୍ ସିଂ ମାର୍ଚ୍ଚପାଷ୍ଟରେ ଭାରତର ନେତୃତ୍ୱ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମ ପ୍ରାୟ ଅଢେଇ ଘଣ୍ଟା ଧରି ଚାଲିଥିଲା। ଅଶୀ ଦଶକର ପ୍ରସିଦ୍ଧ ବ୍ୟାଣ୍ଡ୍ ଡୁରାନ୍ ଡୁରାନ୍ ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶନ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ୨୦୧୮ ସଂସ୍କରଣର ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ୬୬ଟି ପଦକ ଜିତିଥିଲା।

# ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

**ବର୍ମିଂହାମ,୨୮।୭:** ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ ଅବସରରେ ସମସ୍ତ କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତର ୧୫ ତମ ରାଷ୍ଟ୍ରପତି ଟ୍ୱିଟ୍ କରି ଲେଖିଛନ୍ତି, 'ଦେଶର ସମସ୍ତ ନାଗରିକଙ୍କ ତରଫରୁ ରାଜ୍ୟଗୋଷ୍ଠୀ କ୍ରୀଡାର ଆଥଲେଟ ମାନଙ୍କୁ ଶୁଭେଚ୍ଛା। ଆମ ଆଥଲେଟ ମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ଦେଶକୁ ଗର୍ବିତ କରିବେ। ସମଗ୍ର ଦେଶ ଆପଣଙ୍କ ପାଇଁ ଉତ୍ସାହିତ ।' ସମାନ ଢଙ୍ଗରେ ପ୍ରଧାନମନ୍ତ୍ରୀ ମଧ୍ୟ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ସମସ୍ତ ଆଥଲେଟ ମାନଙ୍କୁ ଶୁଭେଚ୍ଛା। ଆଥଲେଟ ମାନେ ନିଜର ଦୃଢ ପ୍ରଦର୍ଶନ ଦ୍ୱାରା ଦେଶବାସୀଙ୍କୁ ଅନୁପ୍ରାଣିତ କରିବେ ବୋଲି ସେ ଲେଖିଛନ୍ତି।

# ଦୃଷ୍ଟିହୀନ କ୍ରିକେଟ୍: ଫାଇନାଲରେ ଓଡ଼ିଶା

**ପୁଡୁଚେରୀ, ୨୮।୭ (ସ୍ପୋର୍ଟସ୍ ବ୍ୟୁରୋ):** ପଣ୍ଡିଚେରୀରେ ଚାଲିଥିବା ତ୍ରିକୋଣୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ତାର ୨ୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଘରୋଇ ଦଳ ପଣ୍ଡିଚେରୀକୁ ୪୨ ରନ୍ ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଅରଭଇଲ କ୍ରିକେଟ୍ ପଡିଆରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଧିନାୟକ ନକୁଳ ବଡ଼ନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ। ଓଡ଼ିଶା ନିର୍ଦ୍ଧାରିତ ୨୦ଓଭର୍ ରେ ୯ ଉଇକେଟ୍ ବିନିମୟରେ ୨୧୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଧିନାୟକ ନକୁଳ ୧୦୫, ଜାଫର ଇକବାଲ୍ ୩୦ ଓ ଧନପତି ଗୌଡ଼ ୨୦ରନ୍ କରିଥିଲେ। ଜବାବରେ ଘରୋଇ ପଣ୍ଡିଚେରୀ ଦଳ ୪ଉଇକେଟ ବିନିମୟରେ ୧୭୭ ରନ୍ କରିବାକୁ ସକ୍ଷମ ହୋଇଥିଲେ। ପଣ୍ଡିଚେରୀ ପକ୍ଷରୁ ଡି. ଦିନାଗରନ ୧୦୪ ରନ୍ ସଂଗ୍ରହ କରିଥିଲେ।

# ଫର୍ମୁଲା ୱାନ୍‌ରୁ ଅବସର ନେବେ ଭେଟେଲ

**ବୁଦାପେଷ୍ଟ,୨୮।୭(ଏପି)**

ଚାରିଥର ଫର୍ମୁଲାୱାନ ଚାମ୍ପିୟନ ସେବାଷ୍ଟିଆନ ଭେଟେଲ ସିଜନ ଶେଷରେ ତାଙ୍କର ଅବସର ନେବେ। ସେ ତାଙ୍କ ପରିବାର ସହ ଅଧିକ ସମୟ ଦେବେ। ଜର୍ମାନୀର ଏହି ଡ୍ରାଇଭର ଗୁରୁବାର ଏହା ପ୍ରକାଶ କରିଛନ୍ତି। ଭେଟେଲ ୨୦୧୦-୧୩ରୁ ରେଡ୍‌ବୁଲ୍ ସହ ଟାଇଟଲ ଜିତିଥିଲେ। ତାଙ୍କର ଶେଷ ବିଷୟ ୨୦୧୯ରେ ଫେରାରି ସହ ହୋଇଥିଲା। ଚଳିତ ସିଜନରେ ସେ ଆଷ୍ଟନ ମାର୍ଟିନ ତରଫରୁ ପ୍ରତିନିଧିତ୍ୱ କରି ଅସଫଳ ରହିଛନ୍ତି। ଦଳ ତରଫରୁ



ଶ୍ରେଷ୍ଠ ପ୍ରଦର୍ଶନ କରି ସେ ମାତ୍ର ୬ଷ୍ଠ ସ୍ଥାନ ଅଧିକାର କରିପାରିଛନ୍ତି। ଭେଟେଲ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୫୩ଟି ରେସ୍ ଜିତିସାରିଛନ୍ତି। ଲୁଇସ୍ ହାମିଲଟନ (୧୦୩) ଓ ମାଇକେଲ ସୁମାକର (୯୧)ଙ୍କ ପଛକୁ ଏହା ହେଉଛି ତୃତୀୟ ସର୍ବାଧିକ। ୨୦୧୩ରେ ସେ ୧୩ ରେସ୍ ଜିତି ଏକ ଫର୍ମୁଲା ୱାନ ରେକର୍ଡ କରିଛନ୍ତି। ଭେଟେଲ ୨୦୧୦ରେ ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନ ହୋଇଥିଲେ। ପରେ କ୍ରମାଗତ ୪ଥର ଚାମ୍ପିୟନଶିପ୍ ଜିତିବାରେ ସେ ଫର୍ମୁଲାୱାନ ଗେଅଟ୍ ଜୁଆନ୍ ମିଗୁଏଲ୍ ଫାଙ୍ଗିଓ ଓ ମାଇକେଲ ସୁମାକରଙ୍କ ପଛକୁ ତୃତୀୟ ଡ୍ରାଇଭର ହୋଇଛନ୍ତି। ପରେ ମର୍ସିଡିଜ ଡ୍ରାଇଭର ଲୁଇସ୍ ହାମିଲଟନ ସେମାନଙ୍କ ସହ ଯୋଗ ଦେଇଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ପୋଲିସ କବ୍‌ଜାରେ ଆନ୍ତଃଜିଲା ଚୋର ଗ୍ୟାଙ୍ଗ

- ୩ ସଦସ୍ୟ, ୩ ସହଯୋଗୀ ଗିରଫ
- ୫.୮୫ ଲକ୍ଷ ଟଙ୍କା, ୭ଲକ୍ଷର ଅଲଙ୍କାର, ଅଟୋ ଜବତ
- ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ଅଚଳ ରିମାଣ୍ଡରେ ଆଣିବାକୁ ଯୋଜନା

ଭୁବନେଶ୍ୱର,(ବ୍ୟୁରୋ) ୨୮।୭

ବିଳମ୍ବିତ ରାତିରେ ସହର ସାରା ବୁଲି ବୁଲି ଝରକା ତାଡ଼ି ଚୋରି କରୁଥିବା ଏକ ବଡ଼ ଆନ୍ତଃଜିଲା ଗ୍ୟାଙ୍ଗ କମିଶନରେଟ ପୋଲିସ ହାତରେ ଧରାପଡ଼ିଛି। ଗ୍ୟାଙ୍ଗର ୩ ସଦସ୍ୟ ଓ ୩ ସହଯୋଗୀଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଓ ଚନ୍ଦକା ଥାନା ପୋଲିସର ମିଳିତ ଟିମ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତମାନେ ହେଲେ ମଞ୍ଜେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ସୁଦର୍ଶନ ନାୟକ ଓରଫ ସୁଧା (୪୭), ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡ଼ିଆ ବସ୍ତିର ସନ୍ତୋଷ ବେହେରା ଓରଫ ଚୁନିଆ(୩୬) ଓ ବାଲିଅନ୍ତା ଥାନା ଅନ୍ତର୍ଗତ ସନ୍ତୋଷ ବେହେରା ଓରଫ ବାପି (୩୬) ଏବଂ ସହଯୋଗୀ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଏ. ରମାକାନ୍ତ ଆଚାରୀ (୬୮), ପୁଅ ଏ. ଆଦିତ୍ୟ ଆଚାରୀ(୨୭) ଓ କଟକ ଜିଲା ଲାଲବାଗ୍ ଥାନା ଅଞ୍ଚଳର ସୁବ୍ରତ ନାୟକ (୩୮)। ସେମାନଙ୍କଠାରୁ ୫ ଲକ୍ଷ ୮୫ ହଜାର ନଗଦ ଟଙ୍କା, ୭ ଲକ୍ଷ ଟଙ୍କାର ୧୪୦ ଗ୍ରାମ ସୁନା ଅଲଙ୍କାର, ୧୦୦ ଗ୍ରାମ୍ ରୁପା ଅଲଙ୍କାର, ଚୋରିରେ ବ୍ୟବହୃତ ଅଟୋ ଓ ମୋବାଇଲ ଆଦି ଜବତ କରାଯାଇଛି। ଏଥିସହ ବ୍ୟାଙ୍କରେ ଥିବା ୧ ଲକ୍ଷ ୪୦ ହଜାର ଟଙ୍କା ମଧ୍ୟ ଫ୍ରିଜ୍ କରାଯାଇଛି। ଏହି ଗ୍ୟାଙ୍ଗ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରେ ଚୋରି କରିଥିବା ସୂଚନା ମିଳିଛି। କେବଳ ଗ୍ୟାଙ୍ଗ୍ ସଦସ୍ୟଙ୍କ ନାମରେ ଭୁବନେଶ୍ୱର ୟୁପିଡି ଅନ୍ତର୍ଗତ ଚନ୍ଦକା ଓ ବାଲିଅନ୍ତା ଥାନା ସମେତ ବିଭିନ୍ନ ଥାନାରେ ୧୩ରୁ ଅଧିକ ମାମଲା ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ଚନ୍ଦକା ପୋଲିସ ଶୁକ୍ରବାର କୋର୍ଟ ଚାଲାଣକରିବ। ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବାକୁ ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଗୁରୁବାର ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।


ଗିରଫ ଚୋର ଗ୍ୟାଙ୍ଗ।

### ଅଟୋରେ ବୁଲି ଚୋରି କରୁଥିଲେ

ଏହି ଚୋର ଗ୍ୟାଙ୍ଗରେ ୧୦ ଜଣ ସଦସ୍ୟ ରହିଛନ୍ତି। ଅଭିଯୁକ୍ତ ବାପିଙ୍କର ଏକ ଅଟୋ ରହିଛି। ଅଭିଯୁକ୍ତମାନେ ଚୋରି କରିବାକୁ ବାଇକ ସହ ଉକ୍ତ ଅଟୋକୁ ବ୍ୟବହାର କରନ୍ତି। ବିଶେଷକରି ଦିନରେ ଅଟୋରେ ବିଭିନ୍ନ ଅଞ୍ଚଳ ବୁଲି କେଉଁ ଘରୁ ଚୋରି କରିବେ ତାହାକୁ ଚିହ୍ନଟ କରିଥାନ୍ତି। ଏଥିସହ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରି ରାତିରେ ଚୋରି କରିଥାନ୍ତି। ବିଶେଷକରି ବନ୍ଦ ଥିବା ଘର କିମ୍ବା ବରିଷ୍ଠ ନାଗରିକ ଅବା ଜଣିକିଆ ଘରକୁ ଟାର୍ଗେଟ କରିବା ସହ ଝରକା ତାଡ଼ି ଚୋରି କରିଥାନ୍ତି। ଟଙ୍କା, ଗହଣା, ମୋବାଇଲ ସହ ଯାହା ପାରିଲେ ଚୋରି କରି ଅଟୋ ନେଇ ପଳାଇଥାନ୍ତି।

### ବରିଷ୍ଠ ନାଗରିକ, ଖବରଦାତାଙ୍କ ଘରୁ ନେଇଥିଲେ ୩୪ ଲକ୍ଷର ସମ୍ପତ୍ତି

ବାଲିଅନ୍ତା ଥାନା ବାଲକାଟୀ ଫାଣ୍ଡି ଅନ୍ତର୍ଗତ ଜଗନ୍ନାଥ କଲୋନୀରେ ରହୁଥିବା ଖବରଦାତା ମନୋଜ କୁମାର ମଣ୍ଡଳଙ୍କ ଘରୁ ଏହି ଗ୍ୟାଙ୍ଗ ଚୋରି କରିଥିଲେ। ଗତ ଜୁନ ୨୪ ବିଳମ୍ବିତ ରାତିରେ ମନୋଜଙ୍କ ତଳ ମହଲା ଘରର ଝରକା ତାଡ଼ି ୭ ଲକ୍ଷ ଟଙ୍କାର ସୁନା ଅଲଙ୍କାର ଓ ନଗଦ ୬୦ ହଜାର ଟଙ୍କା ନେଇଯାଇଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୪୫/୨୨) ରୁଜୁ କରିଥିଲା। ସେହିପରି ଚନ୍ଦକା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ବରିଷ୍ଠ ନାଗରିକ ସତ୍ୟନାରାୟଣ ମିଶ୍ରଙ୍କ ଘର ଝରକା ତାଡ଼ି ଅଲଙ୍କାର ଓ ନଗଦ ଟଙ୍କା ମିଶାଇ ୨୭ ଲକ୍ଷ ଟଙ୍କାର ସମ୍ପତ୍ତି ନେଇଯାଇଥିଲେ। ପୋଲିସ ମାମଲା (ନଂ.୧୪୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


ଜବତ ସୁନା ଅଲଙ୍କାର, ଟଙ୍କା ଓ ମୋବାଇଲ।

### ଚୋରି ଅଲଙ୍କାର ବିକ୍ରି କରୁଥିଲେ ବାପ, ପୁଅ

ଗ୍ୟାଙ୍ଗ ସଦସ୍ୟଙ୍କର ଗଞ୍ଜାମର ଏ. ରମାକାନ୍ତଙ୍କ ସହ ସମ୍ପର୍କ ରହିଥିଲା। ସେ ବୃତ୍ତିରେ ବଣିଆ। ଅଭିଯୁକ୍ତମାନେ ତାଙ୍କୁ ମାମୁ ବୋଲି ଡାକୁଥିଲେ। ସେମାନେ ଚୋରି ସୁନା ଓ ରୁପା ଅଲଙ୍କାର ୧୦ ଗ୍ରାମକୁ ୨୦ ହଜାର ଟଙ୍କାରେ ରମାକାନ୍ତଙ୍କୁ ଦେଇ ଦିଅନ୍ତି। ରମାକାନ୍ତ ପୁଅ ଏ. ଆଦିତ୍ୟଙ୍କ ସହ ମିଶି ଉକ୍ତ ଅଲଙ୍କାରକୁ କଟକର ସୁବ୍ରତଙ୍କୁ ୩୦ରୁ ୩୫ହଜାର ଟଙ୍କାରେ ବିକ୍ରି କରୁଥିଲେ। ସୁବ୍ରତ ସେସବୁକୁ ଅନ୍ୟମାନଙ୍କୁ ଅଧିକ ଦାମ୍‌ରେ ବିକ୍ରି କରିଥାନ୍ତି।

### ଧରାଇ ଦେଲା ଅଟୋ

ଅଭିଯୁକ୍ତ ବାପିଙ୍କ ଅଟୋ ପଛରେ ଏକ ଦାମୀ ଲାଇଟ୍ ଲାଗିଛି। ରାତିରେ ଉକ୍ତ ଲାଇଟ୍ ଅତି ଉଜ୍ଜ୍ୱଳତାର ସହ ଜଳିଥାଏ, ଯେଉଁଥିରୁ ଗ୍ୟାଙ୍ଗ ସଦସ୍ୟମାନେ ତାଙ୍କ ଅଟୋକୁ ସହଜରେ ଚିହ୍ନି ପାରିଥାନ୍ତି। ଘଟଣା ଘଟାଇବା ପରେ ସେଥିରେ ସହଜରେ ଫେରାର ହୁଅନ୍ତି। ଚନ୍ଦକା ଅଞ୍ଚଳରେ ଚୋରି କରି ଉକ୍ତ ଅଟୋରେ ଅଭିଯୁକ୍ତମାନେ ପଳାଇଥିବା ପୋଲିସ ସିସିଟିଭି ଫୁଟେଜରୁ ଜାଣିବା ପରେ ଉକ୍ତ ଅଟୋକୁ ଚିହ୍ନଟ କରିଥିଲା। ଏହାପରେ ପୋଲିସ ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥିବା ବାପିଙ୍କ ଅଟୋ ପାଖରେ ପହଞ୍ଚିଥିଲା। ସେଠାରୁ ବାପିଙ୍କୁ ଗିରଫ କରାଯିବା ପରେ ସେ ଅନ୍ୟମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ।

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୁଲେଶ୍ୱର


@ ଜାମଲ


@ ଈତିପ୍ରକାଶ


@ ସଂଗ୍ରାମ


@ମନୋରଞ୍ଜନ

## ୩୧ରେ ରାଜ୍ୟସ୍ତରୀୟ ମହିଳା ପାଇକ ସମାବେଶ

ଭୁବନେଶ୍ୱର,୨୮।୭(ବ୍ୟୁରୋ)

ରାଜଧାନୀରେ ଆୟୋଜିତ ହେବ ରାଜ୍ୟସ୍ତରୀୟ ମହିଳା ପାଇକ ସମାବେଶ। ଏଥିସହିତ ପାଇକ ଆଖଡ଼ା ଦଳପତିମାନଙ୍କୁ ନେଇ ଶୋଭାଯାତ୍ରା, ବିଜୟ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ କରାଯିବ। ଆସନ୍ତା ୩୧ ତାରିଖରେ ସୂଚନା ଭବନଠାରେ ଏସବୁ କାର୍ଯ୍ୟକ୍ରମ କରାଯିବ ବୋଲି ଗୁରୁବାର ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତଦିନ ମହିଳା ପାଇକ ବାହିନୀ ପାଇକ ଆଖଡ଼ା ପ୍ରଦର୍ଶନ କରି ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରି ସୂଚନା ଭବନରେ ପହଞ୍ଚିବା ପରେ ସେଠାରେ ବିଜୟ ଉତ୍ସବ ପାଳନ କରାଯିବ। ଏହି ଅବସରରେ ସମଗ୍ର ରାଜ୍ୟରୁ ଆସିଥିବା ପାଇକ ସର୍ଦ୍ଦାର, ପାଇକ ଗୁରୁ, ପାଇକ ଆଖଡ଼ା ଦଳର ଅଧିନାୟକ ତଥା ସାମରିକ ପରମ୍ପରାର ଗବେଷକ ଓ ଦଳେଇ, ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମହାସଂଘର ସାଧାରଣ ସମ୍ପାଦକ ଡ. ଦିଲୀପ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନିକଟରେ ରାଜ୍ୟ ସରକାର ବରୁଣେଇ ପାଦ ଦେଶରେ ପ୍ରାୟ ୩୨କୋଟି ଟଙ୍କାର ୧୦ ଏକର ଜାଗାକୁ ବିନା ମୂଲ୍ୟରେ ଯୋଗାଇ ଦେଇଛନ୍ତି। ଅନୁରୂପ ଭାବରେ କେନ୍ଦ୍ର ସରକାର ୧୯୦ କୋଟି ଟଙ୍କା ପ୍ରଦାନ କରିଥିବାରୁ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମାବେଶ ବେଶ୍ ଗୁରୁତ୍ୱ ବହନ କରୁଥିବା ଶ୍ରୀଚନ୍ଦନ କହିଛନ୍ତି। ସମ୍ମିଳନୀରେ ସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ଓ ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଚିଲିକାରେ ପୁଣି ଫସିଲା ଭସାପୋଲ


ଯାନ୍ତ୍ରିକ ତ୍ରୁଟି ଯୋଗୁ ଚିଲିକାରେ ଫସି ରହିଥିବା ଭସାପୋଲ।

କୃଷ୍ଣପ୍ରସାଦ,୨୮।୭(ଡି.ଏନ୍.ଏ.)

ଚିଲିକାରେ ପୁଣି ଫସିଲା ଯାତ୍ରୀବାହୀ ଭସାପୋଲ (ଭେସେଲ୍)। ଗୁରୁବାର ପୁରୀ ଜିଲା ସାତପଡ଼ା ଘାଟରୁ ପୂର୍ବାହ୍ନ ୧୧ଟା ୩୦ରେ ଏକ ଭେସେଲ ୫ଟି ଚାରି ଚକିଆ ଯାନ, ୫ଟି ବାଇକ୍ ଓ ୨୫ ଯାତ୍ରୀଙ୍କୁ ନେଇ ଏକ ଭେସେଲ୍ ଜହ୍ନିକୁଦା ଘାଟ ଅଭିମୁଖେ ବାହାରିଥିଲା। ପ୍ରାୟ ୨୦ ମିନିଟର ଯାତ୍ରା ପରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଫଳରେ ଚିଲିକାରେ ଫସି ରହିଥିଲା ଭେସେଲ। ଖବରପାଇ ଏକ ଘରୋଇ ଯାତ୍ରୀବାହୀ ଡଙ୍ଗା ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲା। ପ୍ରାୟ ଘଣ୍ଟାଏ ପରେ

### ମରାମତି ପରେ ଚାଲିଲା

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର କର୍ମଚାରୀମାନେ ପହଞ୍ଚି ମରାମତି କରିବା ପରେ ଭେସେଲ ପୁଣି ଚାଲିବା ସହ ଜହ୍ନିକୁଦା ଘାଟରେ ପହଞ୍ଚିଥିଲା। ସୂଚନାଥାଉ କି, ଗତ କିଛି ମାସ ହେବ ବିଭିନ୍ନ କାରଣ ଯୋଗୁ ବାରମ୍ବାର ଭେସେଲ୍ ଚିଲିକାରେ ଫସିଥିବା ନଜିର ରହିଛି। ଗତ ୮ ତାରିଖରେ ଜହ୍ନିକୁଦା ଘାଟରୁ ଏକ ଭସାପୋଲ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଓ ଯାନବାହନ ନେଇ ସାତପଡ଼ା ଯାଉଥିବାବେଳେ ଚିଲିକାରେ ଫସିଯାଇଥିଲା। ତେଣୁ ସାତପଡ଼ା–ଜହ୍ନିକୁଦା ଚିଲିକାରେ ସ୍ଥାୟୀ ବ୍ରିଜ ନିର୍ମାଣ ପାଇ ସାଧାରଣରେ ଦାବି ହେଉଛି।

## ରୌପ୍ୟ ନଗରୀରେ ନଗଡ଼ା ଦୃଶ୍ୟ

# କୁପୋଷଣର ଶିକାର ୩ ଶିଶୁ

- ଉଦ୍ଧାର କଲା ଚାଇଲ୍ଡ ଲାଇନ
- ଘଟଣାର ତଦନ୍ତ ହେବ: ଡିସିପିଓ

କଟକ ଅଫିସ,୨୮।୭

ରୌପ୍ୟ ନଗରୀ କଟକ ସହରରେ ଯାଜପୁର ଜିଲାର ନଗଡ଼ା ପରି ଦୃଶ୍ୟ ଦେଖିବାକୁ ମିଳିଛି। ୩ଶିଶୁ ଭୋକ ଓପାସରେ ଆଉଟୁପାଉଟୁ ହେଉଥିବାବେଳେ ଆଖିରୁ ଲୁହ ଶୁଖୁନି। ଖାଦ୍ୟ ଅଭାବରୁ ଅପପୁଷ୍ଟିର ଶିକାର ହୋଇଥିବା ଏହି ୩ ଶିଶୁଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରି ଗୁରୁବାର ସିଡବ୍ଲ୍ୟୁସିରେ ହାଜର କରିଛି। ଏମାନେ ଭଉଣୀ ଭାଇ ଓ ଘର କେନ୍ଦୁଝର ଜିଲାରେ ବୋଲି ଜଣାପଡ଼ିଛି।

ଶିଶୁମାନଙ୍କୁ କୁପୋଷଣରୁ ରକ୍ଷା କରିବା ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍)ରେ ପୁଷ୍ଟିକର ଖାଦ୍ୟ ତଥା ଚୁଡ଼ା, ଛତୁଆ, ଅଣ୍ଡା ଆଦି ପ୍ରଦାନ କରାଯାଉଥିବା କୁହାଯାଉଛି। ମାତ୍ର କଟକ ସହରରେ ଏହାର ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ଖାଦ୍ୟ ବିନା କୁପୋଷଣର ଶିକାର ହୋଇ ରାସ୍ତାରେ କାନ୍ଦି କାନ୍ଦି ବୁଲୁଥିବା ୩ ଶିଶୁଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରିଛି। ଏମାନଙ୍କୁ ଗୁରୁବାର ସିଡବ୍ଲ୍ୟୁସିରେ ହାଜର କରାଯିବା ପରେ ବସୁନ୍ଧରାକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଶିଶୁ ୩ ଜଣ ହେଉଛନ୍ତି କେନ୍ଦୁଝର ଜିଲା ଆନନ୍ଦପୁରର ରାଜେଶ ବେହୁଆଙ୍କ କନ୍ୟା ଓ ପୁତ୍ର।



ରାଜେଶଙ୍କ ନିଜ ସ୍ତ୍ରୀ ଲକ୍ଷ୍ମୀ, ୩ ପିଲା ଏବଂ ବୃଦ୍ଧ ବାପାଙ୍କୁ ନେଇ କଟକ ନୂଆବଜାର ନେହେରୁପଲ୍ଲୀ ଅଞ୍ଚଳରେ ରହୁଥିଲେ। ତେବେ ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ ଲକ୍ଷ୍ମୀ ୧୩ ଦିନ ତଳେ ମୃତ୍ୟୁବରଣ କରିସାରିଛନ୍ତି। ରାଜେଶ ଦିନ ମଜୁରିଆ ଭାବେ କାମ କରନ୍ତି। କାମ ନ ମିଳିଲେ ପରିବାର ଉପବାସରେ ରହନ୍ତି। ପୁଷ୍ଟିକର ଖାଦ୍ୟ ତ ଦୂରର କଥା ଉକ୍ତ ୩ ଶିଶୁଙ୍କୁ ସାଧାରଣ ଖାଦ୍ୟ ମୁଠେ ମିଳୁ ନ ଥିବାରୁ ସେମାନେ ଶୁଖି କଣ୍ଟା ପ୍ରାୟ ହୋଇଗଲେଣି। ରାଜେଶଙ୍କ ସାନ ଝିଅର ପେଟ ପିଠି ଏକାକାର ହୋଇଯାଇଛି। ତେବେ ଚାଇଲ୍ଡ ଲାଇନ ଅପପୁଷ୍ଟିର ଶିକାର ହୋଇଥିବା ଏହି ପିଲାମାନଙ୍କୁ ଠାବ କରିଛି। ସିଡବ୍ଲ୍ୟୁସି ଉକ୍ତ ୩ ଶିଶୁଙ୍କୁ ବସୁନ୍ଧରା ପଠାଇବା ପରେ ସେମାନଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ରଖାଯାଇଛି। ତେବେ ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ପ୍ରଗତି ମହାନ୍ତି କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରତ୍ନଚିତାରେ ଝଟକିଲେ ମହାପ୍ରଭୁ

ପୁରୀ ଅଫିସ, ୨୮।୭

ଚିତାଲାଗି ଅମାବାସ୍ୟାରେ ଗୁରୁବାର ଶ୍ରୀମନ୍ଦିରରେ ରତ୍ନଚିତାରେ ଝଟକିଛନ୍ତି ମହାପ୍ରଭୁ। ପ୍ରାତଃ କାଳରେ ଦ୍ୱାରଫିଟା ନୀତି ଓ ମଙ୍ଗଳ ଆଳତିପରେ ଅବକାଶ, ଦ୍ୱାରପାଳ ପୂଜା, ରୋଷହୋମ, ସୂର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଭୋଗ ସମ୍ପନ୍ନ ହୋଇଥିଲା। ସକାଳଧୂପ ଓ ପ୍ରଥମ ଭୋଗମଣ୍ଡପ ଉଠିବା ପରେ ଦଇତାମାନେ ଚିତାଲାଗି ପାଇଁ ଗର୍ଭଗୃହରେ ପ୍ରବେଶ କରିଥିଲେ। ଏଥିପାଇଁ ୩ଟି ରତ୍ନଚିତା ଓ ପାଟଫିତା ଡୋର ଜମା କରାଯାଇଥିଲା। ସକାଳ ଧୂପ ପୂଜା ବେଳେ ୩ଟି ରତ୍ନଚିତାକୁ ଭଣ୍ଡାର ମେକାପ ଆଣି ଦେଉଳ କରଣଙ୍କ ମାର୍ଫତରେ ବେହେରଣ ନିକଟରେ ଦେଇଥିଲେ। ଚିତାକୁ ସଂସ୍କାର କରାଯାଇଥିଲା। ସକାଳ ଧୂପ ଓ ଭୋଗମଣ୍ଡପ ପରେ ପୁଷ୍ପାଳକ ତିନିବାଡ଼ରୁ ଖୋବାକଣ୍ଠି ଅଲଙ୍କାର ମଇଲମ କରି ପାଳିଆ ମେକାପଙ୍କୁ ଦେଇଥିଲେ। ଶ୍ରୀଦେବୀ ଓ ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଯାଇଥିଲା। ତିନି ବାଡ଼ଗ୍ରାହୀ ଓ ଦଇତାପତି ମହାପାତ୍ର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଶ୍ରୀବଳଭଦ୍ରଙ୍କ ଶ୍ରୀମୁଖରେ ସବୁଜ ରଙ୍ଗର ପାନ୍ନାଚିତା, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଉଜ୍ଜ୍ୱଳ ବ୍ରହ୍ମଜ୍ୟୋତି ଖଚିତ ହୀରାଚିତା ଏବଂ ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖରେ ମାଣିକ୍ୟ ଖଚିତ ଚିତା ଲଗାଯାଇଥିଲା। ଦଇତାପତିମାନେ ଗର୍ଭଗୃହରୁ ଫେରିବା ପରେ ପାଳିଆ ମେକାପ ରତ୍ନସିଂହାସନ ମାର୍ଜଣା କରିଥିଲେ। ମହାପ୍ରଭୁଙ୍କ ମହାସ୍ନାନ ହୋଇ ଭୂଦେବୀ, ଶ୍ରୀଦେବୀ ରତ୍ନ ସିଂହାସନରେ ବିଜେ କରିବା ପରେ ବେଶ ବଢ଼ିଥିଲା। ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଲଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ଓ ବନ୍ଦାପନା ପରେ ଅନ୍ୟ ନୀତି ବଢ଼ିଥିଲା। ଚିତାଲାଗି ପରେ ଛେନା ତାଡ଼ିଆ ଓ ଫାଳସୋଲା ଭୋଗ ଅର୍ପଣ କରାଯାଇଥିଲା।


ଭୁବନେଶ୍ୱର ସୂଚନା ଭବନଠାରେ ସଂଭାବନା ଟ୍ରଷ୍ଟ ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଚିତଉ ଉତ୍ସବରେ ମହିଳାଙ୍କ ଚିତଉ ପିଠା ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।


ଭୁବନେଶ୍ୱର ୟୁନିଟ୍‌–୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା କଟନ୍ ଫାବ୍‌ର ଏକ ଷ୍ଟଲ୍‌ରେ ଗୁରୁବାର ମହିଳା ଗ୍ରାହକମାନେ କିଣାକିଣି କରୁଛନ୍ତି।



ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଗୁରୁବାର ପୁରୀ ହରଚଣ୍ଡୀ ସାହି ପକ୍ଷରୁ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁମାନେ।

